# ପିଲାଙ୍କ ଧରିତ୍ରୀ

ଶନିବାର , ୧୧ ଜୁନ୍ ,୨୦୨୨



୩



ଆଇନା ୮

କହିଲ ଦେଖି ୬





# ଆମ୍ବ ବଗିଚାରେ ରଜ ଦୋଳି

ସ୍କୁଲ ବସ୍‌ରୁ ଓହ୍ଲାଇ ଡେଇଁ ଡେଇଁ ଘର ଭିତରକୁ ଯାଉଥିଲା ଲିନି। ଅଗଣାରେ ପହଞ୍ଚିଲା ବେଳକୁ ତା’ ପାଦରେ ବ୍ରେକ୍ ଲାଗିଗଲା। ଜେଜେ ମା’ର ଜିନିଷପତ୍ର ଅଗଣା ସାରା ଖେଳେଇ ହୋଇପଡ଼ିଛି। ବୋଉ ଚକରା ନନାଙ୍କୁ କ’ଣ ବରାଦ ଦଉଛି। ଲିନିକୁ ଦେଖି ବୋଉ କହିଲେ ରଜକୁ ଦାଦା, ଖୁଡ଼ୀ, ଲିଚି ଓ ଲିଓ ସମସ୍ତେ ଆସିବେ ପରା, ସେଥିପାଇଁ ଘର ଝଡ଼ାଝଡ଼ି ଚାଲିଛି।

ଲିନିର ଦାଦାଖୁଡ଼ୀ ସୁଦୂର ଟୋକିଓ ସହରରେ ରୁହନ୍ତି। କରୋନା ପାଇଁ ପ୍ରାୟ ତିନିବର୍ଷ ତଳେ ଦୀପାବଳି ସମୟରେ ସପ୍ତାହେ ପାଇଁ ଆସିଥିଲେ। ଏମିତି ଅପେକ୍ଷା ଭିତରେ ସେମାନେ ଘରକୁ ଆସିବା ଦିନ ହୋଇଗଲା। ବାପା କାର୍ ନେଇ ସେମାନଙ୍କୁ ଏୟାରପୋର୍ଟରୁ ଆଣିବାକୁ ଗଲା ପରେ ଲିନି ଦାଣ୍ଡ ପିଣ୍ଡାରେ ଅପେକ୍ଷା କରି ବସିଥାଏ। ଗାଁରେ ସମସ୍ତଙ୍କର ପକ୍କାଘର, ଘରେ ଘରେ ଶୌଚାଳୟ। ସହରୀକରଣ ଭିତରେ ଗାଁରେ ଗ୍ରାମୀଣତା ଏବେ ବି ବାକି ଅଛି। ସମସ୍ତେ ସମସ୍ତଙ୍କୁ ଭଲ ଭାବରେ ଜାଣନ୍ତି ଓ ପର୍ବପର୍ବାଣିରେ ପିଠାପଣା ଦେବାନେବା ହୁଏ।

ଏତିକି ବେଳେ କାର୍ ଆସି ଦାଣ୍ଡଦୁଆରେ ପହଞ୍ଚିଲା। ଲିନି ଦାଦାଖୁଡ଼ୀଙ୍କର ପାଦ ଛୁଇଁ ପ୍ରଣାମ କଲା। କିନ୍ତୁ ଲିଚିକୁ ଖୁଡୀ ବାରମ୍ବାର କହିବା ପରେ ଯାଇ ସମସ୍ତଙ୍କୁ ମୁଣ୍ଡିଆ ମାରିଲା। ପରଦିନ ପହିଲି ରଜ ଥାଏ। ଖୁଡ଼ୀ ଆଣିଥିବା ନୂଆ ଫ୍ରକ୍ ପିନ୍ଧି ଦୁଇ ଭଉଣୀ ସଜ ହୋଇଗଲେ। ଗାଁରେ ତାଙ୍କ ଆମ୍ବ ବଗିଚାରେ ସୁନ୍ଦରୀ, କଞ୍ଚା ସୁଆଦି, ବେଲପତ୍ରିଆ, ନକୁଆ ପାଚିଲା ଆମ୍ବର ମହକ ଭିତରେ ଗୀତ ଗାଇ ଗାଇ ରଜଦୋଳି ଖେଳିବାର ମଜା ଶବ୍ଦରେ କହିହେବ ନାହିଁ। ଏ ବର୍ଷ ଲିଚି ପ୍ରଥମଥର ପାଇଁ ରଜଦୋଳିରେ ବସିବ।

ଜେଜେ ମା’ ଦୁଇଜଣଙ୍କୁ ଅଳତା ଲଗେଇବାକୁ କହିବାରୁ ଲିଚି ମନା କରିଦେଲା ଏବଂ ଦୁମ୍ ଦୁମ୍ ହୋଇ ପାହାଚ ଚଢ଼ି ଉପର ଘରକୁ ପଳେଇଲା। ବୋଉ ସକାଳ ଜଳଖିଆ ପାଇଁ ଚକୁଳି ପିଠା, ମଟର ତରକାରି, ପୋଦିନା ଚଟଣି, ରସଗୋଲା ଓ ପୋଡ଼ପିଠାକୁ ଥାଳିରେ ସଜେଇ ପିଲାମାନଙ୍କୁ ଡାକିଲେ । ଲିନି, ଲିଚିକୁ କହିଲା ଆସ୍ ପିଠା ଖାଇସାରି ବଗିଚାକୁ ଯିବା ତୋ ପାଇଁ ସରପ୍ରାଇଜ ଅଛି। ସରପ୍ରାଇଜ କଥା ଶୁଣି ଲିଚି ଖଟରୁ ଓହ୍ଲାଇ ଖାଇବା ଥାଳି ପାଖରେ ବସିଲା। ଥାଳିରେ ଥିବା ପୋଡ଼ପିଠାକୁ ଦେଖି ପଚାରିଲା ଦିଦି ଏଇଟା କ’ଣ ଚକ୍‌ଲେଟ ପିଠା? ଲିନି ପୂରା ବଡ଼ ଭଉଣୀ ପରି ବୁଝେଇ କି କହିଲା ନାଇଁ ନାଇଁ ଇଏ ପୋଡ଼ପିଠା। ଆମ ଓଡ଼ିଶାର ରଜ ସ୍ପେଶାଲ ପିଠା। ଖାଇକି ଦେଖୁନୁ, ଟେଷ୍ଟି। ଲିଚି ପୋଡ଼ପିଠା ଖାଇଲା, ପ୍ରଥମେ ଟିକିଏ ନାକ ଟେକିଲା, କିନ୍ତୁ ଅଳେଇଚ ଦାନା ଏବଂ ପାତି ନଡ଼ିଆର ସ୍ୱାଦ ଲିଚି ମୁହଁରେ ତୃପ୍ତିର ହସ ଖେଳେଇ ଦେଲା। ରସଗୋଲାକୁ ପାଟିରେ ପକେଇ ଲିଚି ପଚାରିଲା ଦିଦି କ’ଣ ସରପ୍ରାଇଜ ଦବ ଯେ?



ଲିନି କହିଲା ସେଇଟା ବଗିଚାକୁ ଗଲେ ଜାଣିବୁ? ଲିଚି କହିଲା, ସେଇ ବଗିଚା ଯୋଉଠି ବହୁତ ସାରା ମ୍ୟାଙ୍ଗୋ ଟ୍ରି ଅଛି? ସେଇଠି କେତେ ଅସନା, ଖାଲି କାଦୁଅ ଆଉ ଗନ୍ଧ। ମୁଁ ଯିବିନି। ଲିନିର ମନେପଡ଼ିଲା ଆର ଥରକ ଲିଚି ଘରକୁ ଆସିଥିବା ବେଳେ ଝଡ଼ବର୍ଷା ହୋଇ ବଗିଚା ପାଣି କାଦୁଅ ହୋଇଥିଲା।

**ଗପ**

ଲିନି ସାମାନ୍ୟ ହସିଦେଇ କହିଲା, ଆମ ଗାଁ କେତେ ବଦଳିଗଲାଣି। ବଗିଚା ପରିଷ୍କାର ଅଛି। ତୁ ଗଲେ ଦେଖିବୁ। ଏତିକିବେଳେ ରୁମ୍ ଭିତରକୁ ଲିନିର ଦାଦା ଆସିଲେ, କହିଲେ– ଆରେ ତୁମେ ଦି’ଟା ଏଇଠି ବସିଛ? ସେପଟେ ରଜଦୋଳି କିଏ ଖେଳିବ? ଦାଦାଙ୍କର କଥାଶୁଣି ଲିନି କହିଲା, ଦାଦା ମୋ ସରପ୍ରାଇଜକୁ ମାଟି କରିଦେଲ। ରଜଦୋଳିଟା ଲିଚି ପାଇଁ ସରପ୍ରାଇଜ ରଖିଥିଲି। ଲିଚି ପଚାରିଲା ପାପା ରଜଦୋଳି କ’ଣ? ଲିନି କହିଲା, ହଉ ମୁଁ ହିଣ୍ଟସ୍ ଦଉଛି, ଦୋଳିକୁ ଇଂଲିଶରେ ସ୍ୱିଙ୍ଗ୍ କୁହନ୍ତି। ଲିଚି କହିଲା ବୁଝିଲି। ମୁଁ ପାର୍କ ଗଲେ ସ୍ୱିଙ୍ଗ୍‌ରେ ବହୁତ ଖେଳେ। କିନ୍ତୁ ବଡ଼ବାପା ସେଇ ବଗିଚାକୁ ପାର୍କ କରିଦେଇଛନ୍ତି କି?

ଲିଚିର ଏତେଗୁଡ଼ାଏ ପ୍ରଶ୍ନ ଶୁଣି ଲିନି ପୂରା ଅଧୀର ହୋଇଯାଇଥାଏ। ଅସହାୟ ହୋଇ ଦାଦାଙ୍କୁ ଚାହିଁବାରୁ ଦାଦା କହିଲେ, ଲିଚି, ରଜ ହେଉଛି ଆମ ଓଡ଼ିଆମାନଙ୍କର ବଡ଼ପର୍ବ। ଆଉ ରଜଦୋଳି ହେଉଛି ଏଇପର୍ବର ମୁଖ୍ୟ ଆକର୍ଷଣ। ପ୍ରକୃତି ମା’ର ପର୍ବରେ, ପ୍ରକୃତି ମା’ର କୋଳରେ ଦୋଳି ଖେଳିବାର ମଜା କ’ଣ ପାର୍କରେ ମିଳିବ? ଲିଚି ମନରେ ‘ରଜଦୋଳି’ ଦେଖିବାର କୌତୂହଳ ବଢ଼ି ଯାଇଥାଏ।

ବଗିଚାରେ ପହଞ୍ଚିବା ପରେ ଲିଚି ଦେଖିଲା ରଜଦୋଳି ଫୁଲରେ ଖୁବ୍ ସୁନ୍ଦର ସାଜସଜ୍ଜା ହୋଇଛି। କିନ୍ତୁ ଦୋଳିଟି ଦଉଡ଼ି ସାହାଯ୍ୟରେ ଗଛ ଡାଳରେ ବନ୍ଧା ହେଇଥିବା ଜାଣିବା ପରେ ସେଥିରେ ବସିବା ପାଇଁ ଡରିଲା। ଲିନି ବୁଝେଇଲା ପରେ ଦୁଇ ଭଉଣୀ ଏକା ସାଙ୍ଗରେ ଦୋଳି ଉପରେ ବସିଲେ। ଦୋଳିଟି ଧୀରେ ଧୀରେ ଝୁଲୁଥାଏ। ଲିନି ରଜଗୀତ ଗାଉଥାଏ। ଲିଚି ଡରରେ ଦୋଳିକୁ ଜାବୁଡ଼ି ଧରିଥାଏ। ଲିନି ବଡ଼ ଭଉଣୀ ହୋଇ ଗୋଟେ ହାତରେ ଦୋଳି ଏବଂ ଅନ୍ୟ ହାତରେ ଲିଚିର ଅଣ୍ଟାକୁ ଧରିଥାଏ।

**–ସସ୍ମିତା ସାହୁ,** ଥେଣ୍ଟପୁର, ବୀରନରସିଂହପୁର, ପୁରୀ
ମୋ: ୭୭୪୯୦୯୮୬୯୪

## ଖିଲି ଖିଲି ହସ

**ଶିକ୍ଷକ:** ପିଲାଏ, ୧ରୁ ୧୦ ପର୍ଯ୍ୟନ୍ତ ଗଣି କରି ଶୁଣାଅ।
**ରାମୁ:** ସାର୍! ୧, ୨, ୩, ୪, ୫, ୭, ୮, ୯, ୧୦।
**ଶିକ୍ଷକ:** ରାମୁ, ୬ କୁଆଡ଼େ ଗଲା।
**ରାମୁ:** ସାର୍, ୬ ମରିଗଲା।
**ଶିକ୍ଷକ:** କେମିତି?
**ରାମୁ:** ସାର୍, ଆଜି ଟିଭିରେ ନ୍ୟୁଜ୍ ଦେଉଥିଲା କରୋନାରେ ୬ ଜଣ ମରିଗଲେ।

ଥରେ ଜଣେ ହାବିଲଦାର ଚିନ୍ତାରେ ଜେଲ୍ ବାହାରେ ବୁଲୁଥିଲେ। ତାକୁ ଦେଖି ଜେଲର ପଚାରିଲେ: ତମେ ଟେନ୍‌ସନରେ ଥିଲା ପରି ଲାଗୁଛ, କ’ଣ ହୋଇଛି?
**ହାବିଲଦାର:** ସାର୍, ସବୁ କଏଦୀ ଜେଲ ଭିତରେ ଦଶହରା ଅବସରରେ ରାମାୟଣ ନାଟକ ପରିବେଷଣ କରନ୍ତି। ହେଲେ ଏଥର ହନୁମାନ ଭୂମିକାରେ ଅଭିନୟ କରିଥିବା କଏଦୀର ପତ୍ତା ମିଳୁନି।
**ଜେଲର:** କାହିଁକି ?
**ହାବିଲଦାର:** ସାର୍, ଚିନ୍ତା କରିବାର କାରଣ ହେଲା–ଏଥର ଯେଉଁ କଏଦୀ ହନୁମାନ ଚରିତ୍ରରେ ଅଭିନୟ କରିଥିଲା, ସଞ୍ଜୀବନୀ ଆଣିବାକୁ ଜେଲ ବାହାରକୁ ଯାଇଛି ଯେ ଏ ପର୍ଯ୍ୟନ୍ତ ଫେରିନି।

ଆଗରୁ ଯେତେବେଳେ ମୋବାଇଲ ହାତରୁ ଖସି ପଡୁଥିଲା ମୋବାଇଲରୁ ବ୍ୟାଟେରି ବାହାରି ପଡୁଥିଲା। ସେହିପରି ଏବେ ଯଦି କାହା ହାତରୁ ମୋବାଇଲ ଖସି ପଡୁଛି, ସେତେବେଳେ ତା’ର କିଡ୍‌ନୀ, ଲିଭର, ହୃତ୍‌ପିଣ୍ଡ ଓ କଳିଜା ବାହାରି ପଡୁଛି।

## ରଙ୍ଗ ଦିଅ



## ମତାମତ

❖ ‘ଏଥରର ପ୍ରଶ୍ନ’ ସ୍ତମ୍ଭରେ ପ୍ରକାଶ ପାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ମଜା ଲାଗିଲା।
– **କ୍ରିଷ୍ଣା ପଲେଇ,** ଜୟପୁର, କୋରାପୁଟ

❖ ‘ଖରାଛୁଟିରେ’ ଲେଖାଟି ମନକୁ ଛୁଇଁଛି। ପିଲାମାନେ ଖରାଛୁଟିର ସମୟ ଉପଯୋଗ କରିବା ପାଇଁ ବହୁତ ବଢ଼ିଆ ଯୋଜନା କରିଛନ୍ତି।
– **ଲୋପିତା ପ୍ରଧାନ,** ଜାରକା, ଯାଜପୁର

❖ ‘ସମୟର ମହତ୍ତ୍ୱ’ ଗଳ୍ପଟି ଭଲ ଲାଗିଲା। ‘ଆଇନା’ ସ୍ତମ୍ଭରେ ପିଲାଙ୍କ ଫଟୋ ବହୁତ ସୁନ୍ଦର ହୋଇଛି।
– **ଦେବାଶିଷ କର,** ରଜମୁକୁନ୍ଦପୁର, ଭଦ୍ରକ

❖ ଜଣା ଅଜଣା ପୃଷ୍ଠା ଆକର୍ଷଣୀୟ ହେବା ସହ ଶିକ୍ଷଣୀୟ ହେଉଛି।
– **ଜଗଦୀଶ ସାହୁ,** ହିନ୍ଦୋଳ, ଢେଙ୍କାନାଳ

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ବର୍ଷ ବୟସର ପିଲା ନିଜର ୩ ଫଟୋ (ହାଇ ରିଜଲ୍ୟୁଶନ୍ ଥିବା)ସହ ପୁରା ନାମ, ବୟସ, ଠିକଣା ; ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଇଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଟଗଲା ଭୀମ୍ବ









# ଏଥର ରଜରେ...

ଆଉ ଦିନ କେଇଟା ପରେ ରଜ। ଏହା ମୁଖ୍ୟତଃ ଝିଅମାନଙ୍କର ପର୍ବ। ଏହି ଦିନରେ ଝିଅମାନେ ରଙ୍ଗ ବେରଙ୍ଗର ନୂଆ ଡ୍ରେସ ପିନ୍ଧନ୍ତି। ପୋଡପିଠା,ରଜପାନ ଖାଇ ସାଙ୍ଗମାନଙ୍କ ସହ ମିଶି ଦୋଳି ଖେଳନ୍ତି। ରଜ ଆସିଲେ ଝିଅମାନଙ୍କ ଖୁସି କହିଲେ ନ ସରେ। ତେବେ କରୋନା ମହାମାରୀ ପାଇଁ ଗତ ଦୁଇ ବର୍ଷ ହେଲା ଏହି ପର୍ବ ସତେଯେମିତି ଫିକା ଫିକା ଲାଗୁଥିଲା। ଘରର ଚାରି କାନ୍ଥ ଭିତରେ ଝିଅମାନେ ଏହାକୁ ପାଳନ କରୁଥିଲେ। ସାଙ୍ଗସାଥୀଙ୍କ ସହ ବୁଲିବା, ଦୋଳି ଖେଳିବାର ମଜା ନେଇପାରୁ ନ ଥିଲେ ସେମାନେ। ହେଲେ ଏଥର କରୋନାର ପ୍ରକୋପ ଅନେକାଂଶରେ କମିଯାଇଛି। ଲକ୍ ଡାଉନ୍, ସଟ୍ ଡାଉନ ତଥା କେତେକ କଟକଣା ଆଉ ନାହିଁ। ତେଣୁ ଏଥର ରଜକୁ ସେମାନେ ବେଶ୍ ଯାକଜମକରେ ପାଳନ କରିବାକୁ ଯାଉଛନ୍ତି। ଏହି ରଜକୁ କିଏ କେମିତି ପାଳନ କରିବେ ସେ ସମ୍ପର୍କରେ ଉପସ୍ଥାପନା ....

## ବାହାଘର ଆଟେଣ୍ଡ କରିବି



ଗତ ଦୁଇ ବର୍ଷ ଧରି କରୋନା ପାଇଁ ପ୍ରାୟ ଘରେ ରହିବାକୁ ପଡୁଥିଲା। ଅନ୍ ଲାଇନ୍ କ୍ଲାସ ହେଉଥିଲା। ଗତ କିଛି ମାସ ହେବ ସ୍କୁଲ ଯାଉଥିଲି। ତେବେ ରଜ ପର୍ବର ମଜା ମୋ ପାଇଁ ନିଆରା। ପ୍ରତିବର୍ଷ ଏହାକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ। ପୂର୍ବରୁ ତ କରୋନା ଲାଗି ଗତ ଦୁଇବର୍ଷ ହେବ ରଜ ପାଳନ ହେଉନଥିଲା। ଏଥର କିନ୍ତୁ ରଜକୁ ମାମୁଁ ଘରକୁ ଯିବି ବୋଲି ସ୍ଥିର କରିଛି। ସେଠାରେ ସାଙ୍ଗମାନଙ୍କ ସହ ଧୂମ ମଜା ହେବ। ପୁଣି ପିଠା ଖିଆ ସାଙ୍ଗକୁ ଦୋଳି ଖେଳ। ସେଠାରେ ଗୋଟିଏ ବାହାଘର ଅଛି, ଆଟେଣ୍ଡ କରିବି। ତା ପରେ ସେଠାରେ କିଛି ଦିନ ରହି ପୁଣି ଆମ ଘରକୁ ଫେରି ଆସିବି।

**-ମୋନାଲିସା ସାହୁ**,କ୍ଲାସ-୧୦,କଳିଙ୍ଗ ମଡେଲ ସରକାରୀ ଉଚ୍ଚ ବିଦ୍ୟାଳୟ, କଟକ

## ରଜ ମୋ ପାଇଁ ସବୁବେଳେ ସ୍ପେଶାଲ



ଝିଅ ପିଲାମାନେ ପାଳନ କରୁଥିବା ରଜ, କୁମାରପୂର୍ଣ୍ଣିମା ପରି ପର୍ବଗୁଡିକ ମଧ୍ୟରୁ ମୋତେ ରଜ ବେଶୀ ଭଲ ଲାଗେ। ଏହି ତିନି ଦିନ କିପରି କଟିଯାଏ ତାହା ମୁଁ ଜାଣିପାରେନା। ଗାଁର ସବୁଜିମା ପରିବେଶରେ ରଜ ପାଳିବାର ମଜା ସତରେ ନିଆରା। ତେଣୁ ପ୍ରତିବର୍ଷ କେବେ ଏ ରଜ ଆସିବ ତାହାକୁ ମୁଁ ଚାହିଁ ବସିଥାଏ। ସତ କଥା କହିବାକୁ ଗଲେ ରଜ ସବୁବେଳେ ମୋ ପାଇଁ ସ୍ପେଶାଲ। ଗତ ଦୁଇ ବର୍ଷ ଧରି କରୋନା ଲାଗି ରଜ ପାଳିବାର ଅସଲ ମଜା ଅନୁଭୂତ ହେଉ ନ ଥିଲା। ହେଲେ ଏଥର ରଜକୁ ଏମିତି ପାଳିବି ଯାହା ମୋ ପାଇଁ ପୁଣି ଥରେ ସ୍ପେଶାଲ ପାଲଟି ଯିବ। ନୂଆ ଡ୍ରେସ୍ ତ କିଣା ସରିଛି। ରଜଦିନ ସଜବାଜ ହୋଇ ଦୋଳି ଖେଳିବି। ପିଠା ଖାଇବି। ସାଙ୍ଗସାଥୀଙ୍କ ସହ ମିଶି ଏଥର ରଜରେ ଧୂମ୍ ମଜା କରିବାକୁ ଯୋଜନା କରିଛି।

**-ତନୀଷା ତନ୍ମୟୀ ପ୍ରଧାନ,** କ୍ଲାସ-୯ମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶରଣକୂଳ, ନୟାଗଡ

## ପୁରୀ ବୁଲିଯିବି



ଏଥର ରଜକୁ ମୁଁ ମନଭରି ପାଳନ କରିବି। ଗତ ଦୁଇ ବର୍ଷ ହେବ କେବଳ ଘରେ ବସି ଏହାକୁ ପାଳନ କରୁଥିଲି। ଏଥର ପ୍ରଥମ ରଜ ଦିନ ମାମୁଁ ଘରକୁ ଯିବି। ସେଠାକୁ ମାଉସୀ ଆସିବେ ସେକେଣ୍ଡ ରଜ ଦିନ। ତେଣୁ ସମସ୍ତେ ପୁରୀ ଯିବାକୁ ପ୍ଲାନିଂ କରିଛୁ। ପୁରୀରୁ ଫେରିଲା ପରେ ପୁଣି ସାଙ୍ଗସାଥିଙ୍କ ସହ ଦୋଳି ଖେଳିବି। ରଜରେ ମୋ ପାଇଁ ମାମା ନୂଆ ଡ୍ରେସ କିଣିସାରିଛନ୍ତି । ତାକୁ ପିନ୍ଧି ପ୍ରଥମେ ଠାକୁରଙ୍କୁ ପ୍ରଣାମ କରିବା ସହ ଗୁରୁଜନଙ୍କୁ ପ୍ରଣାମ କରି ତାଙ୍କର ଆଶୀର୍ବାଦ ନେବି।

**-ପ୍ରତିଜ୍ଞା ପ୍ରୀୟଦର୍ଶିନୀ ନାୟକ**,କ୍ଲାସ-୬,ଆଦର୍ଶ ବିଦ୍ୟାଳୟ,ନାଉଗାଁ, ଜଗତ୍‌ସିଂହପୁର

## ଏଥର ରଜ ଜମିବ



ମୁଁ ଏବେ ଭୁବନେଶ୍ୱରରେ ରହୁଛି । ସହର ରଜ ଏବଂ ଗାଁ ରଜ ମଧ୍ୟରେ ବେଶ୍ ଫରକ ରହିଛି। ଗାଁର ଆମ୍ବତୋଟା, ଦୋଳିଖେଳ, ଘରକୁ ଘର ବୁଲିବା, ପିଠା ଖାଇବାର ମଜା ନିଆରା। ତେଣୁ ଏଥର ମୁଁ ସ୍ଥିର କରିଛି ଯେ ରଜ ସମୟରେ ମୁଁ ମୋ ପିଇସା ଘର (ଟାଙ୍ଗୀ, କଟକ) ଯିବି। ସେଠି ସାଙ୍ଗମାନଙ୍କ ସହ ରଜ ପାଳିବି। ସେଠାରେ ବିଭିନ୍ନ ପ୍ରକାରର ପଟା ଦୋଳି ହୁଏ । ମୋ ପାଇଁ ଡ୍ରେସ କିଣା ସରିଛି ତା ସହ ମୋ ପିଇସା ମଧ୍ୟ ମୋ ପାଇଁ ନୂଆ ଡ୍ରେସ କିଣିଛନ୍ତି। ପିଇସାଙ୍କ ଘରେ ରଜରେ ଫଙ୍କସନ୍ ହୁଏ । ଯେମିତିକି ଭୋଜିଭାତ, ଠାକୁରଙ୍କ ନିକଟରେ ମେଳା ଏବଂ ନଗର କୀର୍ତ୍ତନ ହୁଏ। ଏଥର ତ ଆଉ କରୋନା ଭୟ ନାହିଁ। ତେଣୁ ନିର୍ଭୟରେ ରଜର ମଜା ନେବି। ପିଇସାଙ୍କ ଗାଁରେ ହେଉଥିବା ଫଙ୍କସନକୁ ଉପଭୋଗ କରିବି। ତେଣୁ ଏଥର ରଜ ବେଶ୍ ଜମିବ ବୋଲି ଆଶା ରଖିଛି।

**-ଶିବାନୀ ରାୟ** , କ୍ଲାସ-୯, ସହିଦ୍ ମମତାଜ୍‌ଅଲ୍ଲୀ ସ୍କୁଲ, ନୟାପଲ୍ଲୀ , ଭୁବନେଶ୍ୱର





## ଗାଁକୁ ବୁଲିଯିବାର ଅଛି



ମୁଁ ଏବେ କଟକରେ ରହି ପାଠ ପଢୁଛି। ଗତ ଦୁଇବର୍ଷ ହେବ କରୋନା ପାଇଁ ରଜର ମଜା ନ ଥିଲା। ରଜ ସମୟରେ ବାହାରେ ସାଙ୍ଗସାଥୀଙ୍କ ସହ ବୁଲିବା, ଦୋଳି ଖେଳିବା ଏହି ପର୍ବକୁ ଆହୁରି ରଙ୍ଗୀନ କରିଦିଏ। ଏଥର ରଜକୁ ମୁଁ ପ୍ରଥମେ ଆମ ଗାଁକୁ ବୁଲିଯିବି। ତା'ପରେ ମାମୁଁ ଘରକୁ ଯିବି। ସେଠାରେ ମୋର ଛୋଟ ଭାଇଭଉଣୀ ଅଛନ୍ତି। ସେଠି ମିଳିମିଶି ମଜା କରିବୁ। ରଜ ପାଇଁ ମୋର ନୂଆ ଡ୍ରେସ୍ କିଣା ସରିଛି। ଏଥର ରଜରେ ଧୂମ ଦୋଳି ଖେଳିବାକୁ ଯୋଜନା ରଖିଛି। ଗାଉଁଲି ପରିବେଶରେ ରଜ ଆଉ ଦୋଳି ଖେଳ ମୋତେ ବେଶୀ ପ୍ରଭାବିତ କରିଥାଏ। ତେଣୁ ପ୍ରତିଥର ମୁଁ ରଜକୁ ଯେମିତି ହେଲେ ଗାଁକୁ ଯାଏ। ସେଠାରେ ସାଙ୍ଗମାନଙ୍କ ସହ ରଜ ମଜା ନିଏ। ଗତ ଦୁଇ ବର୍ଷ ହେବ ରଜ ସତେ ଯେମିତି ଫିକା ଫିକା ଲାଗୁଥିଲା। ହେଲେ ଏଥର ରଜକୁ ମନଭରି ଉପଭୋଗ କରିବି। ତା'ସହ ସାଙ୍ଗଙ୍କ ସହ ମିଶି ଦୋଳି ଖେଳିବି ଓ ପିଠାପଣା ଖାଇ ରଜର ମଜା ନେବି।

**-ଅନୁଷ୍କା ପାତ୍ର**, କ୍ଲାସ-୬,ଷ୍ଟୁଆର୍ଟ ସ୍କୁଲ, କଟକ



୧



୨


୩



୪


୫


୬


୭



୮



୯


୧୦


୧୧


୧୨

୧

**ଦିବ୍ୟଦୀପ ମହାନ୍ତି**
କ୍ଲାସ- ୧୦, କଳିଙ୍ଗ ପବ୍ଲିକ ହାଇସ୍କୁଲ, ଚୌଦ୍ୱାର, କଟକ

୨

**ଅଙ୍କିତା ପ୍ରିୟଦର୍ଶିନୀ**
କ୍ଲାସ- ୮, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, କଟକ

୩

**ରିଶାନ ମହାନ୍ତି**
କ୍ଲାସ- ୬, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

୪

**ଶୁଭଙ୍କର ସାହୁ**
କ୍ଲାସ- ୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଦାରିଙ୍ଗବାଡି, କନ୍ଧମାଳ

୫

**ସଂପ୍ରୀତି ମହାନ୍ତି**
କ୍ଲାସ- ୭, ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର

୬

**ସାଇକ୍ରିଷ୍ଣା ମାଇତି**
କ୍ଲାସ- ୭, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଧାମରା, ଭଦ୍ରକ

୭

**ଏଲିନା ନାୟକ**
କ୍ଲାସ-୩, ଜମାରସୁଆଁ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ, ପୁରୀ

୮

**ଅଭିସ୍ମିତ ସାମଲ**
କ୍ଲାସ-୧, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସଏସ୍ ନଗର, ଭୁବନେଶ୍ୱର

୯

**ତ୍ରାହି ବେହେରା**
କ୍ଲାସ- ୫, ଦିଲ୍ଲୀ ପବ୍ଲିକ ସ୍କୁଲ, ମିଁଆପୁର, ହାଇଦ୍ରାବାଦ

୧୦

**ସାଇ ସ୍ୱାତୀ ବେହେରା**
କ୍ଲାସ-୬, ରବୀନ୍ଦ୍ର ବିଦ୍ୟା ନିକେତନ, କେନ୍ଦୁଝର

୧୧

**ସାଇପ୍ରସାଦ ମହାପାତ୍ର**
କ୍ଲାସ- ୩, ଭଗବତୀ ବିଦ୍ୟା ନିକେତନ, ଅଠରନଳା, ପୁରୀ

୧୨

**ଆୟୁଷ୍ମାନ୍ ମହାନ୍ତି**
କ୍ଲାସ- ୪, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର





## କବିତା

### ରଜ ପରବ

ଆସିବ ରଜ ପଡ଼ଇ ହୁରି
ହୋଇବା ସଜବାଜ,
ମନ ଆନନ୍ଦେ ଖେଳିଣ ଦୋଳି
ପାଳିବା ପର୍ବ ରଜ।
ରଙ୍ଗ ବେରଙ୍ଗ ପୋଷାକ ପିନ୍ଧି
ନାଚି ଗାଇବା ଗୀତ,
ପୋଡ଼ପିଠା ଯେ ଭାରି ବଢ଼ିଆ
ଖାଇବା ବସି ମିତ।
ହସ ମଜାରେ ଖେଳିବା ସର୍ବେ
ଆସ ବାଗୁଡ଼ି ଖେଳ,
ମାଆ ମାଟିର ପୂଜା କରିବା
ହୋଇଣ ଏକ ମେଳ।

**–ସୀମାଞ୍ଚଳ ଖଟୁଆ**
ମଞ୍ଚେଶ୍ୱର, ଭୁବନେଶ୍ୱର

### ଆସିଛି ରଜ

ଆସିଛି ରଜ ହୋଇବା ସଜ
ହରଷ ରଖ ମନ,
ରଜରେ ଦୋଳି ସଭିଏଁ ଖେଳି
କାଟିବା ଆମେ ଦିନ।
ଜାମୁ,ପଣସ, ନଡ଼ିଆ ରସ
ଖାଇ ଖଜୁରି କୋଳି,
ରଜର ଗୀତ ଗାଇକି ମିତ
ଝୁଲାଇ ଦେବା ଦୋଳି।
କାକରା ମଣ୍ଡା ଗଣ୍ଡାକୁ ଗଣ୍ଡା
ହୋଇଛି ପୋଡ଼ପିଠା,
ବୁଢ଼ା ଚକୁଳି ଦେଶୀ ଇଟିଲି
ଖାଇବା ନାନା ମିଠା।
ଗାଆଁ ତୋଟାରେ ଯାତ୍ରା ହୁଏରେ
ଲାଗଇ ଭାରି ଭଲ,
ରଜ ପରବ ଆମ ଗରବ
ମନ ଖୁସିରେ ପାଳ।

**ଲକ୍ଷ୍ମୀଧର ନାୟକ**
ବାଉଁଶିଆପଡ଼ା, ନୟାଗଡ଼

### ସୁଖରେ କଟିବ ରଜ

ସୁଖ ସରସ ଶାନ୍ତି ହରଷ
ଆଣି ଆସିଛି ରଜ
ପାଳିବା ପାଇଁ ଏଇ ପରବ
ହେଲେଣି ସବୁ ସଜ।
ଘରକୁ ଅଜା ଆଈ ଆସିବେ
ଆଣି ବଢ଼ିଆ ପିଠା
ବୋଉ ହାତର ପୋଡ଼ପିଠା ତ
ଲାଗିବ ଭାରି ମିଠା।
ଗଛଡାଳରେ ବାପା ବାନ୍ଧିବେ
ଲମ୍ବା ଚଉଡ଼ା ଦୋଳି
ଝୁଲି ଝୁଲିକା ଖେଳିବୁ ଦୋଳି
ଖାଇ ପାଚିଲା କୋଳି।
ଝିପିରି ଝିପି ପଡ଼ିବ ଖସି
ଆକାଶୁ ମେଘଟୋପା
ରଙ୍ଗ ବେରଙ୍ଗ ପେଏଣ୍ଟ ଜାମା
ପିନ୍ଧାଇଦେବ ଅପା।
ହସ ଖୁସିରେ ତିନୋଟି ଦିନ
ରଜରେ ଯିବ କଟି
ତା ପରେ ଖରା ଗରମ ତାତି
ଡହକ ଯିବ ହଟି।

**–ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ

### ଆସ ଖେଳିବା ଦୋଳି

ଆସ କୁନି ମୁନି ହେବା ସଜେଇ
ପାଦରେ ଅଳତା ଗାର ପକେଇ।
ନୂଆ ପୋଷାକକୁ ଯତନେ ପିନ୍ଧି
ହାତରେ ମେହେନ୍ଦି ମଥାରେ ବିନ୍ଦି।
ଆସ କୁନି ମୁନି ଖେଳିବା ଦୋଳି
ରଜରେ ଖାଇକି ସରୁ ଚକୁଳି।
ଆସ କୁନି ମୁନି ବଣକୁ ଯିବା
ଗଜରାଜ ସାଥେ ମିତ ବସିବା।
ପୋଡ଼ପିଠା ଖଣ୍ଡେ ଦେବା ଖୁଆଇ
ଖୁସିରେ ତାହାକୁ ଦେବା ନଚେଇ।
ରଜ ତିନିଦିନ ମଜା କରିବା
ଆଉ ବରଷକୁ ଅନେଇ ଥିବା।

**–ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଢେଙ୍କାନାଳ

### ରଜଦୋଳି କଟମଟ

ଆସିଛି ଲୋ ମିତ ରଜ ମଉଜ
ରଜଦୋଳି କରେ କଟମଟ
ଆସଲୋ ସଙ୍ଗାତ ହେବା ସଜବାଜ
ବୁଲିଯିବା ସାଇ ବରଜ।
ଆରିସା, କାକରା, ପୋଡ଼ପିଠା ବାସେ
ପ୍ରତି ଗାଁ ଘର ଦାଣ୍ଡ
ଆମ୍ବ, ପଣସରେ ପେଟ ପୂରିଯାଏ
ଚାଖି ତା ମିଠା ସୁଆଦ।
ଦୋଳି ଝୁଲି ରଜ ଗୀତ ଗାଇ ଗାଇ
ବିତଇ ମଜାରେ ରଜ
ରଜପାନ ପରି ଖୁସିର ରଙ୍ଗରେ
ଭରିଯାଏ ରଜମଉଜ।

**–ଅର୍ଚ୍ଚନା କର**
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର

## ଗିନିଜ୍ ୱାର୍ଲ୍ଡ ରେକର୍ଡ


## ଦୁଇଟି ରେକର୍ଡ ହୋଲଡର୍

ପିଲାମାନେ ତୁମକୁ ସ୍କେଟିଙ୍ଗ୍ କରିବାକୁ ଭଲ ଲାଗେ ନା ? ତୁମ ପରି ୧୧ବର୍ଷର ବାଳକ ଗୁଇ ଖୁରୀ ସ୍କେଟିଙ୍ଗ୍‌ରେ ଦୁଇ ଦୁଇଟି ରେକର୍ଡ କରିଛନ୍ତି। ପ୍ରଥମଟି ସେ ୧୦୮୦ ଭର୍ଟିକାଲ୍ ର୍ୟାମ୍ପରେ ଷ୍ଟଣ୍ଟ ଦେଖାଇଛନ୍ତି ଓ ଦ୍ୱିତୀୟଟି ସର୍ବକନିଷ୍ଠ ଆଥଲେଟ୍ ଭାବରେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। କରୋନା ସମୟରେ ଯେତେବେଳେ ସ୍କୁଲ୍ ବନ୍ଦ ଥିଲା ଏହି ସମୟର ସଦୁପଯୋଗ କରି ସ୍କେଟିଙ୍ଗ୍ ଶିଖିବା ଆରମ୍ଭ କରିଥିଲେ। ସେ ବିଭିନ୍ନ ପ୍ରକାର କୌଶଳ ଅଭ୍ୟାସ କରିବାକୁ ଲାଗିଲେ। ଦିନକୁ ଏଥିପାଇଁ ତାଙ୍କୁ ୩ଘଣ୍ଟା ପରିଶ୍ରମ କରିବାକୁ ପଡୁଥିଲା। ବାପା ରିକାର୍ଡୋ ଖୁରୀ ପ୍ରତିଦିନ ଗୁଇଙ୍କୁ ଘର ପାଖ ପାର୍କକୁ ସ୍କେଟିଙ୍ଗ ଅଭ୍ୟାସ କରିବାକୁ ନେଉଥିଲେ। ଏଥିପାଇଁ ସେ ତାଙ୍କୁ ବହୁତ ଉତ୍ସାହିତ କରନ୍ତି। ସେ ଭର୍ଟ ର୍ୟାମ୍ପରେ ୫୪୦, ୭୨୦ ଏବଂ ୯୦୦ଡିଗ୍ରୀ ପର୍ଯ୍ୟନ୍ତ ଘୂରି ଷ୍ଟଣ୍ଟ କରିପାରନ୍ତି। ବର୍ତ୍ତମାନ ସେ ୧୨୬୦ ଡିଗ୍ରୀ ପବନରେ ଘୂରି ଷ୍ଟଣ୍ଟ ଦେଖାଇବାପାଇଁପ୍ରସ୍ତୁତହେଉଛନ୍ତି।





## ଏଥରର

- ଭାରତର ସବୁଠାରୁ ଅଧିକ ଜିଲ୍ଲା ଥିବା ରାଜ୍ୟ କେଉଁଟି ?
- କଦଳୀର ବୈଜ୍ଞାନିକ ନାମ କ'ଣ ?
- ଶୁ ଲେସ୍‌ର ଆରମ୍ଭରୁ ଯେଉଁ ପ୍ଲାଷ୍ଟିକ୍ ଲାଗିଥାଏ ତାକୁ କ'ଣ କୁହାଯାଏ ?
- ଭାରତର କେଉଁ ରାଜ୍ୟରେ ସବୁଠୁ ଅଧିକ ପର୍ବପର୍ବାଣି ପାଳନ କରାଯାଏ ?
- କେଉଁ ଦେଶରେ ଗୋଟିଏ ବି ନଦୀ ନାହିଁ ?




## ଗତଥରର

- ଭୁଟାନ୍
- ଲୁଣ
- ୫୦୦ମିଲି ଗ୍ରାମ୍
- ନିକ୍ଟୋଫୋବିୟା
- ପବନ ସେତୁ



## କହିଲ ଦେଖି

ପିଠା ପଣା ହୁଏ ନୁହେଁ ଏ ଦୋଳ
ସାଙ୍ଗ ସାଥି ସବୁ ହୁଅନ୍ତି ମେଳ
ରାଧାକୃଷ୍ଣ ପରି ଖେଳନ୍ତି ଖେଳ,
କହିଲ ଦେଖି !
କିସ ଏ ପରବ, ଦୋଳିରେ ମନଟା
ରୁହଇ ଲାଖି।



**ଉ– ରଜ ପର୍ବ**

ନୁହଁଇ ବାଦୁଡ଼ି ଓହଳି ଥାଏ
ଦଉଡ଼ି, ବାଂଶରେ ତିଆରି ହୁଏ
ବେଗରେ ବାହିଲେ ଗଗନ ଛୁଏଁ ,
ଘୂରିଘୂରି କେବେ ମଜା ବି ଦିଏ।
କହି ଦିଅ ମୁହିଁ କିଏ,
କେଇଦିନ ପାଇଁ ଆଦର ମୋହର
ଯିଏ ଖେଳେ ଗୀତ ଗାଏ।



**ଉ– ଦୋଳି ଖେଳ**

ଗଣ ପରବରେ ଏ ପିଠା ହୁଏ
କାଟି କାଟି ମାଆ ପରଷି ଥାଏ,
ନୁହଁଇ ଚକୁଳି ନୁହେଁ ଏଣ୍ଡୁରି
ଗୁଡ଼ ଦେଇ ପୋଡ଼ି ହୁଏ ତିଆରି।
ଏ ପିଠା ଖାଅ,
ଦୋଳି ଖେଳି ଖେଳି ଆନନ୍ଦ ପାଅ।



**ଉ– ରଜ ପୋଡ଼ପିଠା**

**–କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧିମାର୍ଗ, ଅନୁଗୋଳ
ମୋ: ୯୯୩୮ ୧୩୩୫୫୯





**ସବୁଠୁ ଛୋଟ ପକ୍ଷୀ**

ବି ହମିଂ ବାର୍ଡ ପୃଥିବୀର ସବୁଠାରୁ ଛୋଟ ପକ୍ଷୀ । ସିଏ ପଛୁଆ ଉଡ଼ିପାରେ ଏବଂ ସେମାନଙ୍କ ଉଡ଼ିବାର ଗତି ଅନ୍ୟ ପକ୍ଷୀଙ୍କ ତୁଳନାରେ ବହୁତ କ୍ଷିପ୍ର ।

**ଅଳସୁଆ ପ୍ରାଣୀ**


ସବୁ ପ୍ରାଣୀଙ୍କ ତୁଳନାରେ ସ୍ଲଥ୍‌କୁ ଦୁନିଆର ସବୁଠୁ ଅଳସୁଆ ପ୍ରାଣୀ କୁହାଯାଏ । କାରଣ ଏହା ଦିନରେ ଅଧିକାଂଶ ସମୟ ଗଛ ଉପରେ ଶୋଇ ରୁହେ ଏବଂ ତାକୁ ଗୋଟିଏ ପତ୍ର ହଜମ କରିବାକୁ ୩୦ ଦିନ ସମୟ ଲାଗିଥାଏ ।

# ଜଣା ଅଜଣା



**ଆଖି ପିଛୁଳାକେ ଏଣ୍ଡୁଅ ଶିକାର କରେ**

ପିଲାଏ କହିପାରିବ, ଗୋଟିଏ ଏଣ୍ଡୁଅ ଜିଭର ଲମ୍ବ କେତେ? ହୁଏତ ଏହାର ଉତ୍ତର ଭିନ୍ନ ହୋଇପାରେ । ହେଲେ ତାହାର ଜିଭର ଲମ୍ବ କେତେ ଜାଣିଲେ ତୁମେମାନେ ଆଶ୍ଚର୍ଯ୍ୟ ହୋଇଯିବ । ଏହାର ଲମ୍ବ ଏଣ୍ଡୁଅର ଶରୀରର ଲମ୍ବ ସହ ପ୍ରାୟ ସମାନ । ତେଣୁ ସେ ତା' ସାମ୍ନାରେ ଥିବା ଶିକାରକୁ ଆଖିପିଛୁଳାକେ ଖାଇ ଦେଇଥାଏ ।



**ଅଧିକ ଦିନ ନ ଖାଇ ବଞ୍ଚିପାରେ**

ଟରଣ୍ଟୁଲା ନାମକ ଏକ ବୁଢ଼ିଆଣୀ ଅଛି, ଯାହା ନ ଖାଇ ଦୁଇବର୍ଷରୁ ଅଧିକ ଦିନ ପର୍ଯ୍ୟନ୍ତ ବଞ୍ଚିପାରେ ।

**ଶିଙ୍ଗ ଥିବା ଝିଟିପିଟି**

ଏଭଳି ଏକ ଝିଟିପିଟି ରହିଛି, ଯାହାର ଶିଙ୍ଗ ଅଛି । ସେ ନିଜକୁ ତା'ର ଶିକାରୀଠୁ ରକ୍ଷା ପାଇବା ଲାଗି ତା' ଆଖିରୁ ରକ୍ତ ଧାର ପରି ଅଶ୍ରୁ ବାହାର କରିଥାଏ ।





**ବୁଦ୍ଧିମାନ୍ ଜୀବ**

ପିଲାମାନେ ! ତୁମେ ତ ଡଲ୍‌ଫିନ ବିଷୟରେ ଅନ୍ନେ ବହୁତ କିଛି କଥା ଜାଣିଥିବ, ହେଲେ ତାକୁ କାହିଁକି ବୁଦ୍ଧିମାନ୍ ଜୀବ କୁହାଯାଏ ସେ ବିଷୟରେ ହୁଏତ ଜାଣି ନ ଥିବ । କାରଣ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଡଲ୍‌ଫିନ ତାଙ୍କର ପ୍ରତ୍ୟେକଙ୍କ ନାଁ ଅଲଗା ରଖିଥା'ନ୍ତି । ସେଥିପାଇଁ ସେମାନେ ନିଜ ଭାବର ଆଦାନପ୍ରଦାନ ସମୟରେ ଅଲଗା ଅଲଗା ଶବ୍ଦ କରିଥା'ନ୍ତି ।

# ଆ ଇ ନା



**କ୍ଷୀରାବ୍ଧି ତନୟା**
୧୨ ବର୍ଷ / ଭୁବନେଶ୍ୱର





**ସୁମଗ୍ନା ଦାସ**
୭ ବର୍ଷ / ଫୁଲନଖରା

**ସେଜଲ ମିଶ୍ର**
୬ ବର୍ଷ / ଭୁବନେଶ୍ୱର